# ସୁନାମଧନ୍ୟ ଅଭିନେତା ରାମଚନ୍ଦ୍ର ପ୍ରତିହାରୀଙ୍କୁ ଭେଟି ୧ ଲକ୍ଷ ଟଙ୍କା ସହାୟତା ପ୍ରଦାନ କଲା ବିଜେପି ସାଂସ୍କୃତିକ ପ୍ରକୋଷ୍ଠ

ଭୁବନେଶ୍ୱର, ତା୨୭/୦୮ : ବିଶିଷ୍ଟ ମଂଚ କଳାକାର, ଓଡିଆ ଚଳଚ୍ଚିତ୍ର ଏବଂ ଟିଭି ଧାରାବାହିକର ସୁନାମଧନ୍ୟ ଅଭିନେତା ରାମଚନ୍ଦ୍ର ପ୍ରତିହାରୀ ଏବେ କର୍କଟ ରୋଗରେ ପୀଡିତ ଅଛନ୍ତି । ସେ ଦୀର୍ଘ ଦିନ ଧରି ଏହି ରୋଗରେ ପୀଡିତ ହେବା ଯୋଗୁଁ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟିଛି । ଆର୍ଥୀକ ଅବସ୍ଥା ସ୍ୱଚ୍ଛଳ ନଥିବା କାରଣରୁ ଉନ୍ନତ ମାନର ଚିକିତ୍ସାରୁ ସେ ବଂଚିତ ଅଛନ୍ତି । ଏହି ଖବର ପରେ ବିଜେପି ସାଂସ୍କୃତିକ ପ୍ରକୋଷ୍ଠ ତରଫରୁ ଏକ ପ୍ରତିନିଧୀ ଦଳ ଶ୍ରୀ ପ୍ରତିହାରୀଙ୍କ ବାସଭବନରେ ସାକ୍ଷାତ କରି ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ବୁଝିବା ସହ ତାଙ୍କର ଆରୋଗ୍ୟ କାମନା କରି ୧ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି ।

ଏହି ପ୍ରତିନିଧୀ ଦଳରେ ବିଜେପି ସାଂସ୍କୃତିକ ପ୍ରକୋଷ୍ଠର ରାଜ୍ୟ ସଂଯୋଜକ ପଂଚାନନ ନାୟକ, ବିଜେପି ନେତା ତଥା ବରିଷ୍ଠ କଳାକାର ମିହିର ଦାସ, ଶ୍ରୀତମ ଦାସ, ପୁରୀ ଜିଲ୍ଲା ସଭାପତି ପ୍ରଭଂଜନ ମହାପାତ୍ର ପ୍ରମୁଖ ସାମିଲ ଥିଲେ ।

(ବିଜେପି ମିଡିଆ ସେଲ୍)